# NATIONAL NEWS BULLETIN (ODIA)

## 29th July - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସୁପ୍ରିମ୍‌କୋର୍ଟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ପାଳନ କରାଯାଉଛି ଏକ ସ୍ୱତନ୍ତ୍ର ଲୋକଅଦାଲତ ସପ୍ତାହ ।
- ଦେଶରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ କଲ୍ୟାଣ ଲାଗି ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଆବଣ୍ଟିତ ପାଣ୍ଠିରେ ୭୩ ପ୍ରତିଶତ ଅଭିବୃଦ୍ଧି ଘଟିଛି – କହିଲେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ।
- ଭାରତ ଓ ସାଉଦିଆରବ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ପୁଞ୍ଜିନିବେଶର ସୁଯୋଗ ସମ୍ପର୍କିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ।
- ପ୍ରକାଶ ପାଇଲା ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସି.ୟୁ.ଇ.ଟି. (ୟୁଜି) ୨୦୨୪ର ଫଳାଫଳ ।

ଏବଂ

- ଶ୍ରୀଲଙ୍କା ବିପକ୍ଷରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ବିଜୟୀ ୨-୦ରେ ସିରିଜ୍ ଅଗ୍ରଣୀ ।

## ସୁପ୍ରିମ୍‌କୋର୍ଟ

ସୁପ୍ରିମ୍‌କୋର୍ଟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ଏକ ସ୍ୱତନ୍ତ୍ର ଲୋକଅଦାଲତ ସପ୍ତାହ ପାଳନ କରାଯାଉଛି । ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଆୟୋଜିତ ଏହି ସପ୍ତାହ ଉପରେ ଆକାଶବାଣୀକୁ ସୂଚନା ଦେଇ ବିଚାରପତି କେ.ଭି. ବିଶ୍ୱନାଥନ୍ କହିଛନ୍ତି, ସୁପ୍ରିମ୍‌କୋର୍ଟରେ ବହୁ ଦିନରୁ ପଡ଼ି ରହିଥିବା ବକେୟା ମାମଲା ଗୁଡ଼ିକୁ ତ୍ୱରିତ ସମାଧାନ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ବିଚାରପତି ବିଶ୍ୱନାଥନ୍ କହିଛନ୍ତି, ଏହି ଲୋକ ଅଦାଲତ ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ । ତେଣୁ ଏହି ଲୋକଅଦାଲତର ଲାଭ ଉଠାଇବା ନିମନ୍ତେ ସେ ସମସ୍ତ ଅଂଶିଦାର ପ୍ରତିପକ୍ଷଙ୍କୁ ସେ ଆହ୍ୱାନ ଦେଇଛନ୍ତି ।

## ଜୁଏଲ୍ ଓରାମ୍

ଦେଶରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ କଲ୍ୟାଣ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସଫଳ ରୂପାୟନ ଲାଗି ଆବଣ୍ଟିତ ପାଣ୍ଠିରେ ୭୩

ପ୍ରତିଶତ ଅବିବୃଦ୍ଧି ଘଟିଛି ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି । ଗତକାଲି ଅଗରତାଲା ଠାରେ କେନ୍ଦ୍ରୀୟ ବଜେଟ୍ ୨୦୨୪-୨୫ର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଓରାମ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଜନଜାତି ସମ୍ପ୍ରଦାୟ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ନିମନ୍ତେ ୧୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗରିବଙ୍କ କଲ୍ୟାଣ, ମହିଳା ସଶକ୍ତିକରଣ, ଯୁବବର୍ଗଙ୍କୁ ଦକ୍ଷ ଉଦ୍ୟୋଗୀ କରିବା ସହିତ ସେମାନଙ୍କର ନିଯୁକ୍ତି ଏବଂ ଉଚିତ୍ ମୂଲ୍ୟରେ କୃଷକମାନଙ୍କର ଉତ୍ପାଦକୁ ବିକ୍ରି କରିବା ଉପରେ ଚଳିତ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଶ୍ରୀ ଓରାମ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ଜନଜାତି ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଅଧୀନରେ ଦେଶବ୍ୟାପି ୬୩ ହଜାର ଗ୍ରାମକୁ ସଡ଼କପଥ ସଂଯୋଗୀକରଣ, ଶକ୍ତି ଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ଭଳି ପ୍ରାଥମିକ ସୁବିଧା ଯୋଗାଇ ଦିଆଯିବ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଦେଶବ୍ୟାପି ଗ୍ରାମାଞ୍ଚଳର ବିକାଶ ଲାଗି ବଜେଟ୍‌ରେ ୨ ଦଶମିକ୍ ୬ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ସମୟରେ ଦେଶର ଗ୍ରାମାଞ୍ଚଳ ଗୁଡ଼ିକୁ ବିକଶିତ କରିବା ଉଦ୍ଦେଶ୍ୟରେ ଏକ

ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ଓରାମ୍ କହିଛନ୍ତି । ଉତ୍ତରପୂର୍ବାଞ୍ଚଳର ବିକାଶ ଉପରେ ସୂଚନା ଦେଇ ସେ କହିଛନ୍ତି, ଉତ୍ତର ପୂର୍ବ ରୂପାନ୍ତରୀକରଣ  ଶିଳ୍ପାୟନ ଯୋଜନା ୨୦୨୪ ବର୍ତ୍ତମାନ କାର୍ଯ୍ୟକ୍ଷମ ରହିଛି । ଏହା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ସେହିଭଳି ଏହି ଅଞ୍ଚଳର ଶିଳ୍ପର ବିକାଶ ସହିତ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ବଜେଟ୍‌ରେ ୧୦ ହଜାର ୩୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହାଛଡ଼ା କେବଳ ତ୍ରିପୁରା ଲାଗି ୪୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ଉତ୍ତର ପୂର୍ବାଞ୍ଚଳ ସ୍ୱତନ୍ତ୍ର ମୌଳିକଢାଞ୍ଚା ବିକାଶ ଯୋଜନା ଅଧୀନରେ ୧୪ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍ କହିଛନ୍ତି ।

## ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଟିକସ ଆବଣ୍ଟନ ନେଇ ମିଥ୍ୟା ପ୍ରଚାର କରିବା ଅଭିଯୋଗରେ କର୍ଣ୍ଣାଟକ ସରକାର ଏବଂ ବିରୋଧୀ ଦଳ ଗୁଡ଼ିକୁ ସମାଲୋଚନା କରିଛନ୍ତି । ଗତକାଲି ବେଙ୍ଗାଲୁରୁ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁ.ପି.ଏ. ଏବଂ ଏନ୍.ଡି.ଏ. ସରକାରଙ୍କ ଅମଳରେ କର୍ଣ୍ଣାଟକକୁ ଆବଣ୍ଟିତ ହୋଇଥିବା ଅର୍ଥ ସମ୍ପର୍କିତ ଏକ ତୁଳନାତ୍ମକ ତଥ୍ୟ ଅର୍ଥମନ୍ତ୍ରୀ ପ୍ରଦାନ କରିଥିଲେ । ଶ୍ରୀମତୀ ସୀତାରମଣ

କହିଛନ୍ତି, ୨୦୦୪ରୁ ୨୦୧୪ ମସିହା ମଧ୍ୟରେ ୟୁ.ପି.ଏ. ସରକାର ଅମଳରେ କର୍ଣ୍ଣାଟକକୁ ୮୧ ହଜାର ୭୯୧ କୋଟି ଟଙ୍କା ଦିଆଯାଇଥିବା ବେଳେ ପରବର୍ତ୍ତୀ ୧୦ ବର୍ଷରେ ଏନ୍.ଡି.ଏ. ସରକାରଙ୍କ ସମୟରେ ରାଜ୍ୟକୁ ୨ଲକ୍ଷ ୯୫ ହଜାର ୮୧୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି ୟୁ.ପି.ଏ. ସରକାରଙ୍କ ଅମଳରେ ବାର୍ଷିକ ଆବଣ୍ଟିତ ଅର୍ଥ ୮ ହଜାର ୧୭୯ କୋଟି ଟଙ୍କା ଚଳିତ ବର୍ଷ ଏନ୍.ଡି.ଏ. ସରକାରଙ୍କ ସମୟରେ ୪୫ ହଜାର ୪୮୫ କୋଟିକୁ ବୃଦ୍ଧି ପାଇଛି । ସେହିଭଳି ରାଜ୍ୟକୁ ରେଳବାଇ ବଜେଟ୍ ଅଧୀନରେ ସର୍ବାଧିକ ୭ ହଜାର ୫୫୯ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହାଛଡ଼ା ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ରାଜ୍ୟକୁ ଆବଣ୍ଟିତ ଅର୍ଥର ପରିମାଣରେ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଇଣ୍ଡୋ-ସାଉଦି ଟାକ୍ସଫୋର୍ସ

ଭାରତ ଓ ସାଉଦିଆରବ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ପୁଞ୍ଜିନିବେଶର ସୁଯୋଗ ସମ୍ପର୍କରେ ଉଚ୍ଚସ୍ତରୀୟ ଟାକ୍ସଫୋର୍ସ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଗତକାଲି ପୁଞ୍ଜିନିବେଶ ଉପରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କର ପ୍ରମୁଖ ସଚିବ ପି.କେ. ମିଶ୍ର ଏବଂ ସାଉଦିଆରବର ଶକ୍ତିମନ୍ତ୍ରୀ ଅବଦୁଲ୍ ଆଜିଜ୍ ବିନ୍ ସଲମାନ୍ ବିନ୍ ଅବଦୁଲ୍ ଆଜିଜ୍ ଅଲ୍ ସାଉଦ୍‌ଙ୍କ ସହ ଅଧ୍ୟକ୍ଷତା

କରିଥିଲେ । ଏହି ବୈଠକରେ ମୁଖ୍ୟତଃ ନିରନ୍ତର ଶକ୍ତି, ପେଟ୍ରୋ କେମିକାଲ୍ ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ବିବିଧ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ଆଲୋଚନା କରାଯାଇଛି । ସାଉଦିଆରବର ରାଜା ଏବଂ ପ୍ରଧାନମନ୍ତ୍ରୀଙ୍କର ଭାରତ ଗସ୍ତ ସମୟରେ ଦେଶରେ ଆରବ ପକ୍ଷରୁ ହେବାକୁ ଥିବା ୧୦୦ ବିଲିୟନ୍ ଆମେରିକୀୟ ଡଲାର୍ ପୁଞ୍ଜିନିବେଶକୁ ସକ୍ରିୟ ସହାୟତା ପ୍ରଦାନ କରିବା ଦିଗରେ ଶ୍ରୀ ମିଶ୍ର ଏହି ବୈଠକରେ କେନ୍ଦ୍ର ସରକାରଙ୍କର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ସେହିଭଳି ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ଲାଗି ବୁଝାମଣାପତ୍ର ସ୍ୱାକ୍ଷର କରିବା ନିମନ୍ତେ ଏକ ବୈଷୟିକ ଟିମ୍ ଗଠନ କରିବା ଲାଗି ନିୟମିତ ପରାମର୍ଶ କରିବା ଉପରେ ଦ୍ୱିପକ୍ଷିୟ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଟାସ୍କଫୋର୍ସର ପରବର୍ତ୍ତି ରାଉଣ୍ଡ ବୈଠକରେ ଯୋଗଦେବା ଲାଗି ଶ୍ରୀ ମିଶ୍ର ସାଉଦି ଆରବର  ଶକ୍ତିମନ୍ତ୍ରୀଙ୍କୁ ଭାରତ ଗସ୍ତରେ ଆସିବା ଲାଗି ନିମନ୍ତ୍ରଣ କରିଛନ୍ତି ।

## ଜର୍ଜ କ୍ୟୁରିଆନ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କ୍ୟୁରିଆନ୍ କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟର ସମାବେଶୀ ବିକାଶ ଲାଗି କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀଙ୍କର 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ' ଭିଜନ୍ ନେଇ ସରକାର ଏ

ଦିଗରେ  ଅଗ୍ରଗତି କରୁଛନ୍ତି ବୋଲି ସେ କହିଛନ୍ତି । ଗତକାଲି ନୂଆଦିଲ୍ଲୀର ଦିଲ୍ଲୀ ହାଟ୍ ଠାରେ ଅନୁଷ୍ଠିତ ଲୋକ ସମ୍ବର୍ଦ୍ଧନା ପର୍ବର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ କ୍ୟୁରିଆନ୍ ଏହା କହିଛନ୍ତି । ଏହି ପର୍ବରେ ୭୦ଟି ଅନନ୍ୟ ଉତ୍ପାଦ ସହିତ ୧୬୦ରୁ ଉର୍ଦ୍ଧ୍ୱ କାରିଗର ଅଂଶଗ୍ରହଣ କରିଥିଲେ । ବିଶ୍ୱ ବଜାରରେ ସେମାନଙ୍କର ଉତ୍ପାଦକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଜ୍ଞାନ ବୃଦ୍ଧି ନିମନ୍ତେ ବିଭିନ୍ନ କର୍ମଶାଳାମାନ ଆୟୋଜିତ ହୋଇଥିଲା । କୃତି କାରିଗରମାନଙ୍କୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ କ୍ୟୁରିଆନ୍ ପ୍ରଶଂସାପତ୍ର ବଣ୍ଟନ କରିଥିଲେ ।

# ସିୟୁଇଟି-ୟୁଜି

ସ୍ନାତକ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ୨୦୨୪-୨୫ ଶିକ୍ଷା ବର୍ଷ ଲାଗି ଦେଶ ବ୍ୟାପି ୨୮୩ଟି ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନରେ ପଢ଼ିବା ଲାଗି ୧୪ ଲକ୍ଷ ୯୯ ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏହି ସି.ୟୁ.ଇ.ଟି(ୟୁଜି) ପରୀକ୍ଷା ଦେଇଥିଲେ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଦ୍ୱାରା ଗତ ମେ ମାସ ୧୫ରୁ ୨୯ ତାରିଖ ମଧ୍ୟରେ ଦେଶର ୩୭୯ଟି ଏବଂ ଦେଶ ବାହାରେ ୨୬ଟି ସହରରେ ଏହି ପରୀକ୍ଷା କରାଯାଇଥିଲା । ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ତାଲିକାକୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନକୁ ଏନ୍.ଟି.ଏ. ପକ୍ଷରୁ ଯୋଗାଇ ଦିଆଯାଉଛି । ଛାତ୍ରଛାତ୍ରୀମାନେ ଫଳାଫଳ ଜାଣିବା

ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯୋଗାଯୋଗ କରିବା ଲାଗି ଏନ୍.ଟି.ଏ. ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଏଜୁକେସନ୍-ଏନ୍ଇପି

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀ ଠାରେ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟାନ୍ୱୟନର ଚତୁର୍ଥ ବାର୍ଷିକୀ ପାଳନ କରାଯିବ । ଅଖିଳ ଭାରତୀୟ ଶିକ୍ଷା ସମାଗମ ସହଯୋଗରେ ମନ୍ତ୍ରଣାଳୟ ଏହା ପାଳନ କରିବ ବୋଲି ସୂଚନା ଦିଆଯାଇଛି ।  ଏହି ଶିକ୍ଷାନୀତିକୁ ସଫଳତାର ସହ କାର୍ଯ୍ୟକାରିତା କରିବା ଦିଗରେ ସମସ୍ତ ଅଂଶିଦାରମାନଙ୍କ ସହିତ ସଂଯୋଜନା କରିବା କ୍ଷେତ୍ରରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହି ଅବସରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରିତା ସମ୍ପର୍କରେ ନିଜର ଅଭିଜ୍ଞତା ସମ୍ପର୍କରେ ସୂଚନା ଦେବେ । ଏହାଛଡ଼ା ଶ୍ରୀ ପ୍ରଧାନ ମନ୍ତ୍ରଣାଳୟ ପକ୍ଷରୁ ଏଥିଲାଗି ଉଦ୍ଦିଷ୍ଟ ବିଭିନ୍ନ ଭାରତୀୟ ଭାଷାରେ ଆରମ୍ଭ ହେବାକୁ ଥିବା ଉତ୍ସର୍ଗୀକୃତ ଟିଭି ଚ୍ୟାନେଲ୍ ଗୁଡ଼ିକର ଶୁଭାରମ୍ଭ କରିବେ । ସେହିଭଳି କେତେକ ପୁସ୍ତକ ଓ ଅଭିଭାଷଣ ପୁସ୍ତିକାକୁ ଉନ୍ମୋଚନ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି ।

# ହରିବଂଶ

ଜଣେ ଉତ୍ତମ ସାଂସଦ ହେବା ଲାଗି ସଂସଦର ବିଭିନ୍ନ ନୀତିନିୟମ, କାର୍ଯ୍ୟଶୈଳୀ, ଆଚରଣବିଧି ଓ ବିଭିନ୍ନ କମିଟିର କାର୍ଯ୍ୟ ସମ୍ପର୍କରେ ସଚେତନ ହେବା ଲାଗି ରାଜ୍ୟସଭାର ଉପାଧ୍ୟକ୍ଷ ହରବିଂଶ ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀ ଠାରେ ରାଜ୍ୟସଭାର ନବନିର୍ବାଚିତ ସାଂସଦମାନଙ୍କର ଦୁଇ ଦିନିଆ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ହରିବଂଶ କହିଛନ୍ତି, ସଂସଦରେ ନିୟମ ସର୍ବୋଚ୍ଚ ହୋଇଥିବା ଦୃଷ୍ଟିରୁ ଏହାକୁ ଉତ୍ତମରୂପେ ପାଳନ କରିବା ପ୍ରତ୍ୟେକ ସାଂସଦଙ୍କର ପ୍ରାଥମିକ ଦାୟିତ୍ୱ । ଏହି ଅଧିବେଶନର ବିଷୟବସ୍ତୁ 'ଡିଜିଟାଲ୍ ଜୈବ ଅନୁକୂଳ ପରିବେଶ' ଉପରେ ଆଲୋକପାତ କରି ଶ୍ରୀ ହରିବଂଶ ନିଜର କାର୍ଯ୍ୟଧାରାକୁ ସଫଳତାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ବୈଷୟିକ ଜ୍ଞାନକୌଶଳ ଉପରେ ନିଜକୁ ସଶକ୍ତ କରିବା ଲାଗି ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ।

# କ୍ରିକେଟ୍

ଶ୍ରୀଲଙ୍କା ବିପକ୍ଷରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଛି । ଶ୍ରୀଲଙ୍କାର ପାଲିକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗତକାଲି ରାତିରେ ଅନୁଷ୍ଠିତ ଏହି

ମ୍ୟାଚ୍‌ରେ ବିଜୟୀ ହେବା ଫଳରେ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ୨-୦ରେ ଅଗ୍ରଣୀ ରହିଛି । ଗତକାଲି ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀଲଙ୍କା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୬୧ ରନ୍ କରିଥିଲା । ଶେଷ ପାଞ୍ଚ ଓଭରରେ ମାତ୍ର ୩୧ ରନ୍‌ରେ ଶ୍ରୀଲଙ୍କା ୭ଟି ଓ୍ୱିକେଟ୍ ହରାଇଥିଲା । ଭାରତ ପକ୍ଷରୁ ରବି ବିଷ୍ଣୋଇ ୨୬ରନ୍ ଦେଇ ୩ଟି ଓ୍ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ, ଅକ୍ଷର ପଟେଲ୍ ଓ ହାର୍ଦ୍ଦିକ ପାଣ୍ଡିଆ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

ବର୍ଷା ଯୋଗୁଁ ଏହି ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଭାରତ ସମ୍ମୁଖରେ ୮ ଓଭରରେ ୭୮ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେବେ ୯ଟି ବଲ୍ ବାକିଥାଇ ଭାରତ ୮୧ରନ୍ ସଂଗ୍ରହ କରିଥିଲା । ରବି ବିଷ୍ଣୋଇ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଆସନ୍ତାକାଲି ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ସିରିଜ୍‌ର ତୃତୀୟ ତଥା ଚୂଡ଼ାନ୍ତ ଟି-ଟ୍ୱେଣ୍ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଏହା ପରେ ଦୁଇ ଦେଶ ମଧ୍ୟରେ ତିନୋଟି ଆନ୍ତର୍ଜାତିକ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଖେଳାଯିବ ।